# ଚଳିତବର୍ଷ ହେବ ମା' ହିଙ୍ଗୁଳାଙ୍କ ପାଟବରୀ ଉତ୍ସବ

■ ୫୫ ବର୍ଷ ପରେ ମା'ଙ୍କ ରୁପା ମସ୍ତକରେ ପିନ୍ଧାଯିବ ନୂଆ ପାଟବସ୍ତ୍ର

■ ଗତବର୍ଷ ତାଳଚେର ରାଜାଙ୍କ ଦେହାନ୍ତ ହୋଇଥିବାରୁ ମା'ଙ୍କ ନବକଳେବର ହେବ

**ତାଳଚେର, ୨୬।୩ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପାଟବରୀ ଉତ୍ସବ ଚଳିତବର୍ଷ ପାଳନ କରାଯିବ। ଦୀର୍ଘ ୫୫ ବର୍ଷ ପରେ ମା'ଙ୍କ ଏହି ବିଶେଷ ଉତ୍ସବ ନବକଳେବର ଅନୁଷ୍ଠିତ ହେବ। ୨୦୨୫ ଏପ୍ରିଲ ୨୧ରେ ତାଳଚେର ରାଜା ରାଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନଙ୍କ (୭୪)ଙ୍କ ଦେହାନ୍ତ ହୋଇଥିବାରୁ ପରମ୍ପରା ଅନୁଯାୟୀ ମା'ଙ୍କ ଏହି ନବକଳେବର କରାଯିବ। ଫଳରେ ୧୯୭୦ ମସିହାରେ ପାଳିତ ପାଟବରୀ ଉତ୍ସବ ବେଳେ ମା'ଙ୍କ ରୁପା ମସ୍ତକରେ ଲାଗି ହୋଇଥିବା ପୁରୁଣା ପାଟକୁ ଖୋଲାଯାଇ ନୂଆ ପାଟ ପରିଧାନ କରାଯିବ।



ପରମ୍ପରା ଅନୁଯାୟୀ, ଏହି ପାଟବରୀ ଉତ୍ସବରେ ମା' ହିଙ୍ଗୁଳାଙ୍କ ସ୍ୱତନ୍ତ୍ର ମୂର୍ତ୍ତି ନ ଥାଏ। ରୁପାର ମସ୍ତକ ପାଟ ବସ୍ତ୍ର ଦ୍ୱାରା ଆବୃତ୍ତ କରାଯାଇ ସୁନାର ମଥାମଣି ଲାଗି କରାଯାଏ। ଇଏ ହେଉଛନ୍ତି ମା' ହିଙ୍ଗୁଳାଙ୍କ ଚଳନ୍ତି ପ୍ରତିମା। ଏଠାରେ ୨ଟି ଆଲମ ପୂଜା ପାଆନ୍ତି। ଗୋଟିଏ ମା' ହିଙ୍ଗୁଳାଙ୍କ ନିଜସ୍ୱ କଳେବର ଏବଂ ଅନ୍ୟଟି ମା'ଙ୍କ ସହଚରୀ କୁଟେଇଶୁଣି। ତାଳଚେର ରାଜାଙ୍କ ଦେହାନ୍ତ ହୋଇଥିବାରୁ ଠାକୁରାଣୀ ପିନ୍ଧିଥିବା ପୁରୁଣା ପାଟ ବିସର୍ଜନ କରାଯାଇ ନୂତନ ପାଟ ଠାକୁରାଣୀ ଦ୍ୱୟଙ୍କୁ ପରିଧାନ କରାଯାଏ। ମା'ଙ୍କ ପାଇଁ ସ୍ୱୟଂ ରାଣୀ ପାଟ ବାଛିଥାନ୍ତି। ଏହି ଉତ୍ସବ ପାଳନ ବେଳେ ନୂଆ ରାଜା ଓ ରାଣୀ ପାଟ ବସ୍ତ୍ର ପିନ୍ଧିଥାନ୍ତି। କୁଳ ପୁରୋହିତ ଓ ଦେହୁରୀଙ୍କ ସହ ପ୍ରାୟ ୪୦ ସେବକ ନୂଆ ପାଟବସ୍ତ୍ର ପରିଧାନ କରନ୍ତି। ସାଧାରଣତଃ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଦିନ ଏହି ପାଟବରୀ ଉତ୍ସବ ପାଳନ କରାଯାଏ। ତାଳଚେରର ନୂତନ ରାଜା ଓ ରାଣୀ ପରିବାରର ସଦସ୍ୟ ବ୍ରାହ୍ମଣଙ୍କ ବେଦ ଧ୍ୱନିରେ ରାଜବାଟିରୁ ବାହାରି ଗୋପାଳପ୍ରସାଦ ଅଭିମୁଖେ ଯାଆନ୍ତି। ରାଜବାଟିରେ ପୂଜା ପାଉଥିବା ଇଷ୍ଟଦେବୀଙ୍କୁ ଦିଅଁଘରେ ପୂଜା ଅର୍ପଣ କରି ରାଜା ରାଜବାଟି ଛାଡ଼ନ୍ତି। ବାଟରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ହିଙ୍ଗୁଳା କ୍ଷେତ୍ର ଅଭିମୁଖେ ଗମନ କରନ୍ତି। ଗୋପାଳଗଡ଼ରେ ପହଞ୍ଚି ହିଙ୍ଗୁଳାଙ୍କ ଦିଅଁ ଘରୁ ମା'ଙ୍କ ଆଲମକୁ ମହାଆଡ଼ମ୍ବରରେ ସାଙ୍ଗରେ ଆଣନ୍ତି। ବଡ଼ ମଣ୍ଡପରେ ଆଲମ ପୂଜା କରାଯାଏ। ନୂତନ ରୁପା ମସ୍ତକ ଓ ପାଟବସ୍ତ୍ରକୁ ଜୀବନ୍ୟାସ ଦିଆଯାଇଥାଏ। ପୁରୁଣା ପାଟକୁ କଢ଼ାଯାଇ ନୂତନ ପାଟ ପିନ୍ଧାଯାଏ। ଏହି ସମୟରେ ଦେହୁରୀ ସ୍ତ୍ରୀ ବେଶ ହୋଇ ନୂତନ ରାଜା ଓ ରାଣୀଙ୍କୁ ପାଟ ମୁକୁଟ ପିନ୍ଧାଇ ଦିଅନ୍ତି। ଏହାପରେ ନୂତନ ରାଜା ଓ ରାଣୀ ରାଜ୍ୟର ଶାସକ ଭାବେ ପରିଚିତ ହୁଅନ୍ତି। ପାଟବରୀ ଉତ୍ସବ ମା' ହିଙ୍ଗୁଳାଙ୍କ ଏକ ନିଆରା ଉତ୍ସବ। କୁଟେଇଶୁଣୀ ମଣ୍ଡପରେ ଗୋଟିଏ ଏବଂ ହିଙ୍ଗୁଳା ମଣ୍ଡପରେ ୨ଟି ଖମ୍ବ ବିସର୍ଜନ ହେବେ। ଯାତ୍ରା ଦିନ ସେହି ଖମ୍ବକୁ ଖୋଲାଯାଇ ନୂତନ ଖମ୍ବ ସ୍ଥାପନ କରାଯାଇଥାଏ। ପାରମ୍ପରିକ ବିଧିବିଧାନ ଅନୁସାରେ ସୋଲଡ଼ା ଜଙ୍ଗଲରୁ ଗଛ କଟାଯାଇ ଖମ୍ବ ପ୍ରସ୍ତୁତ କରାଯିବା ସହ କୁଟେଇଶୁଣୀଙ୍କ ନିକଟରେ ଖମ୍ବଲାଗି ଉତ୍ସବ ଅନୁଷ୍ଠିତ ହୁଏ। ସୂଚନାଯୋଗ୍ୟ, ତାଳଚେର ରାଜା ରାଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନଙ୍କ ଗତବର୍ଷ ମୃତ୍ୟୁ ପରେ ସେହିଦିନ ତାଙ୍କ ବଡ଼ପୁଅ ବିଜେୟେନ୍ଦ୍ର ଚନ୍ଦ୍ର ଦେବ ୨୭ ତମ ରାଜା ଭାବେ ଅଭିଷିକ୍ତ ହୋଇଥିଲେ। ଏ ସମ୍ପର୍କରେ ରାଜ ପୁରୋହିତ ପଙ୍କଜ ଲୋଚନ ପତି କହିଛନ୍ତି, ୧୯୭୦ ମସିହାରେ ମା'ଙ୍କ ପାଟବରୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜାଙ୍କ ଦେହାନ୍ତ ପରେ ଚଳିତବର୍ଷ ପାଟବରୀ ଉତ୍ସବ ପାଳନ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚାଲିଛି। ଶିକ୍ଷାବିତ୍ ତଥା ହିଙ୍ଗୁଳା ଟ୍ରଷ୍ଟ ବୋର୍ଡ ବରିଷ୍ଠ ସଦସ୍ୟ ଜଗମୋହନ ଗଡ଼ନାୟକ କହିଛନ୍ତି, ଏହା ମା'ଙ୍କ ନିଆରା ଉତ୍ସବ। ମା'ଙ୍କ ନୂତନ ପାଟ ପରିଧାନକୁ ପାଟବରୀ ଉତ୍ସବ କୁହାଯାଏ। ଚଳିତବର୍ଷ ଏଥିପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି।

# କୋଇଲା ପରିବହନ ପାଇଁ ଛେଣ୍ଡିପଦାରୁ ଜରପଡ଼ା ହେବ ୪ ଲେନ୍

**ଛେଣ୍ଡିପଦା, ୨୬।୩ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦାସ୍ଥିତ ନୈନି କୋଇଲା ଖଣିରୁ ଟ୍ରକ୍ ଯୋଗେ କୋଇଲା ପରିବହନକୁ ନେଇ ଛେଣ୍ଡିପଦା ବ୍ଲକର ବିଭିନ୍ନ ଗ୍ରାମରେ ଅସନ୍ତୋଷ ବୃଦ୍ଧି ପାଇବା ସହିତ ବାଇପାସ ରାସ୍ତା ନିର୍ମାଣ ପାଇଁ ଜୋର୍‌ଦାର ଦାବି କରାଯାଇଥିଲା। ଏହାପରେ ପ୍ରଶାସନ ପକ୍ଷରୁ ଛେଣ୍ଡିପଦାରୁ ଜରପଡା ୪ ଲେନ ବିଶିଷ୍ଟ ୨୩/୫୫୪ କି.ମି. ରାସ୍ତା ପ୍ରଶସ୍ତୀକରଣ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।

ସୂଚନାଯୋଗ୍ୟ, ଛେଣ୍ଡିପଦାସ୍ଥିତ ନୈନି କୋଇଲା ଖଣିରୁ ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥରେ କୋଇଲା ପରିବହନକୁ ବିରୋଧ କରି ଦୀର୍ଘ ୨୦ ଦିନ ହେବ କୋଶଳା ଗ୍ରାମବାସୀ ଗଣଧାରଣା ଦେବା ସହିତ ବାଇପାସ ରାସ୍ତାରେ କୋଇଲା ପରିବହନ କରିବା ପାଇଁ ଦାବି କରିଥିଲେ। ସେହିପରି ଛେଣ୍ଡିପଦାରୁ ଜରପଡା ଯାଇଥିବା ପୂର୍ତ୍ତ ବିଭାଗର ଅଣଓସାରିଆ ରାସ୍ତାରେ କୋଇଲା ପରିବହନକୁ ବିରୋଧ କରି ତେଣ୍ଟୁଲୋଇ, ବାଲିପଟା, ଦୁର୍ଗାପୁର ଆଦି ପଞ୍ଚାୟତର ଗ୍ରାମବାସୀ ତୀବ୍ର ବିରୋଧ କରିଥିଲେ। ସମସ୍ୟାର ସମାଧାନ ପାଇଁ ଗତ ବୁଧବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲା କାର୍ଯ୍ୟାଳୟରେ ଏ ନେଇ ଏକ ବୈଠକ ହୋଇଥିଲା। ଏଥିରେ ଜିଲାପାଳ ଯୋଗଦେଇ ପୂର୍ତ୍ତ ବିଭାଗ ପକ୍ଷରୁ


OFFICE OF THE COLLECTOR AND DISTRICT MAGISTRATE, ANGUL
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ଅନୁଗୋଳ,
LAND ACQUISITION(GENERAL) SECTION
ଭୂ ଅଧିଗ୍ରହଣ, ସାଧାରଣ ଅର୍ଜନ
Telephone: 06764-232983/ 06764-230567/230234 | Email: [illegible]
Letter No. [illegible] / File No. 1V – 06/26 Date: [illegible]

To
Superintending Engineer,
(R&B), Division, Angul.

Sub: Appointment of Land Acquisition Officer for acquisition of private land measuring Ac. 202.865 in 13 villages under Chhendipada Tahasil of Angul for the work of "Widening & Strengthening of Chhendipada-Jarapada Road.

Ref: Your office Letter No 1388/dt. 10.03.2026.

Sir,
In inviting a reference to the letter on the subject cited above, I am to intimate you that, Tahasildar, Chhendipada is hereby nominated as the Land Acquisition Officer under the provisions of the RFCTLARR Act, 2013 for the purpose of Land Acquisition for acquisition of private land measuring Ac. 202.865 in 13 villages under Chhendipada Tahasil of Angul for the work of "Widening & Strengthening of Chhendipada-Jarapada Road to 4 Lane Standard from 0/000 km to 23/554km in Angul District for the year 2025-26.

This is for your kind information and necessary action.

Yours faithfully,
Collector, Angul.

Memo No. [illegible] dt. [illegible]
Copy forwarded to the Tahasildar, Chhendipada for information and necessary action.

Addl. District Magistrate(Rev.),
Angul.

ଜିଲା ପ୍ରଶାସନ ପକ୍ଷରୁ କରାଯାଇଥିବା ଚିଠି।

ବାଇପାସ ରାସ୍ତା ନିର୍ମାଣ କରାଯିବା ନେଇ ପ୍ରସ୍ତାବ ଦେଇଥିଲେ। ଛେଣ୍ଡିପଦାରୁ ଜରପଡ଼ା ଯାଇଥିବା ରାସ୍ତାର ପ୍ରଶସ୍ତୀକରଣ ଏବଂ ସୁଦୃଢ଼ୀକରଣ କାର୍ଯ୍ୟ ପାଇଁ ଛେଣ୍ଡିପଦା ତହସିଲର ୧୩ଟି ଗ୍ରାମର ୨୦୨. ୮୬୫ ଏକର ବିଶିଷ୍ଟ ଘରୋଇ ଜମି ଅଧିଗ୍ରହଣ କରିବାକୁ ଭୂ-ଅର୍ଜନ ଅଧିକାରୀ ଭାବେ ଛେଣ୍ଡିପଦା ତହସିଲଦାରଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ଚିଠି ନଂ ୨୧୧ ଅନୁଯାୟୀ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଖୁବଶୀଘ୍ର ଛେଣ୍ଡିପଦାରୁ ଜରପଡା ଯାଇଥିବା ୪ ଲେନ୍ ବିଶିଷ୍ଟ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଛେଣ୍ଡିପଦା ତହସିଲଦାର ମାନସ ରାୟ ପ୍ରକାଶ କରିଛନ୍ତି।

# ରଘୁନାଥଙ୍କ ପ୍ରାଣ ପ୍ରତିଷ୍ଠା, ଅଷ୍ଟପ୍ରହର ନାମଯଜ୍ଞ

**ଆଠମଲ୍ଲିକ, ୨୬।୩ (ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକ ଏନ୍‌ଏସି ଅନ୍ତର୍ଗତ ପୋଲିସ ବନ୍ଧ ନିକଟସ୍ଥ ନବନିର୍ମିତ ରଘୁନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବର ଚତୁର୍ଥ ଦିବସରେ ଆଧ୍ୟାତ୍ମିକ ପରିବେଶରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସକାଳ ୬ ଟାରେ ପଣ୍ଡିତ ପ୍ରଫୁଲ୍ଲ ପାଣିଗ୍ରାହୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା। ପଣ୍ଡିତ ବ୍ରହ୍ମା ମନୋଜ ଦାଶ, ଆଚାର୍ଯ୍ୟ ସନୋଜ କୁମାର ଦାଶ, ପୁସ୍ତକାଚାର୍ଯ୍ୟ ପୁରଞ୍ଜନ ଚାନ୍ଦ ଓ ମଧୁ ଷଡ଼ଙ୍ଗୀ ପ୍ରମୁଖଙ୍କ ଦ୍ୱାରା ସକାଳ ୮ଟା ୩୦ରେ ମଣ୍ଡଳ ପୂଜା, ବାସ୍ତୁ ପୂଜା, ଦେବତା ମହାସ୍ନାନ, ବିଗ୍ରହମାନଙ୍କ ଚକ୍ଷୁ ଦାନ, ପ୍ରାଣ ପ୍ରତିଷ୍ଠା, ଚଣ୍ଡୀ ମହାଯଜ୍ଞ, ଆଳତି ଓ ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ସନ୍ତୋଷ ହୋତା, ନୀହାର ହୋତା, ଚିରଞ୍ଜିବୀ ମିଶ୍ର, ମନିଶା ହୋତା, ସାରଦା ପ୍ରସାଦ ସିଂହସାମନ୍ତ, ସରିତା ସିଂହସାମନ୍ତ ଦାୟିତ୍ୱ ତୁଲାଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର


ଅନୁଗୋଳ ଡେପୁଟି କଲେକ୍ଟରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଅନୁଗୋଳ, ୨୬।୩ (ଦିବ୍ୟଶାନ୍ତନୁ ନାଥ)**

ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲିପଡ଼ିଥିବା କୁଳପତି ପଦବୀ ତୁରନ୍ତ ପୂରଣ ସହ ସମସ୍ତ ଅଧ୍ୟାପକ ଓ ପ୍ରଫେସର ପଦବୀ ପୂରଣ କରିବା, ବିଶ୍ୱବିଦ୍ୟାଳୟଗୁଡ଼ିକର ସୁପରିଚାଳନା ପାଇଁ ଖାଲି ପଡ଼ିଥିବା ସମସ୍ତ ଶିକ୍ଷା କର୍ମଚାରୀ ପଦବୀରେ ତୁରନ୍ତ ନିଯୁକ୍ତି ପ୍ରଦାନ କରିବା ଦାବିରେ ଗୁରୁବାର ଏଆଇଡିଏସ୍‌ଓ ଛାତ୍ର ସଙ୍ଗଠନ ପକ୍ଷରୁ ସାରା ଓଡ଼ିଶା ଦାବି ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅନୁଗୋଳ ଡେପୁଟି କଲେକ୍ଟରଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ରାଜ୍ୟର ଅଧିକାଂଶ ସରକାରୀ ବିଶ୍ୱବିଦ୍ୟାଳୟ ଏକପ୍ରକାର ନିଷ୍କ୍ରିୟ ଅବସ୍ଥାରେ ଗତି କରୁଛି। ବିଧାନସଭା ଅଧିବେଶନରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କହିବାନୁଯାୟୀ ରାଜ୍ୟର ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ୨୦୭୯ ଅଧ୍ୟାପକ ପଦବୀରୁ ୧୪୩୪ ଖାଲି ପଡିଛି। ସେହିପରି ୨୯୪୦ ମଞ୍ଜୁରୀପ୍ରାପ୍ତ ଶିକ୍ଷା କର୍ମଚାରୀ ରହିବା ସ୍ଥାନରେ ୨୧୭୧ ପଦବୀ ଖାଲି ପଡିଛି। ଅଧିକାଂଶ ସ୍ଥାନରେ କୁଳପତି ପଦବୀ ଫାଙ୍କା ପଡିଛି। କୁଳପତି ପରି ସର୍ବୋଚ୍ଚ ପଦବୀ ଖାଲି ପଡ଼ିଥିବାରୁ ପ୍ରଶାସନିକ ତଥା ଶୈକ୍ଷିକ ନିଷ୍ପତ୍ତି ଗ୍ରହଣରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଅଧ୍ୟାପକ, ପ୍ରଫେସର ଅଭାବରୁ ନିୟମିତ କ୍ଲାସ ହୋଇ ପାରୁନାହିଁ। ଫଳରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଛି। ସ୍ଥାୟୀ ପ୍ରଫେସର ଓ ଗାଇଡମାନଙ୍କ ଅଭାବରୁ ବିଶବିଦ୍ୟାଳୟ ସ୍ତରରେ ଗବେଷଣାମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହେଉଛି। ଆବଶ୍ୟକ କର୍ମଚାରୀ ନ ଥିବାରୁ ଦୈନନ୍ଦିନ କାର୍ଯ୍ୟ, ପରୀକ୍ଷା ପରିଚାଳନା ଓ ଫଳ ପ୍ରକାଶନରେ ବିଳମ୍ବ ଘଟୁଛି। ତେଣୁ ତୁରନ୍ତ ସରକାରୀ ବିଶ୍ୱବିଦ୍ୟାଳୟଗୁଡିକର ଅଚଳାବସ୍ଥା ଦୂର କରିବା ପାଇଁ ଅନୁଗୋଳ ଜିଲା କମିଟି ପକ୍ଷରୁ ସଭାପତି ପରମାନନ୍ଦ ସାହୁ, ସମ୍ପାଦକ ନାରାୟଣ ନାୟକ, ସରୋଜିନୀ ବେହେରା ପ୍ରମୁଖ ଦୃଢ ଦାବି ଉପସ୍ଥାପନ କରିଛନ୍ତି।

# ଛଟେଇ ଶ୍ରମିକଙ୍କ ପୁନର୍ନିଯୁକ୍ତି ଦାବିରେ ଆନ୍ଦୋଳନ

**କଣିହାଁ, ୨୬।୩ (ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳିସ୍ଥିତ ପାୱାରଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍‌ରେ ପ୍ରାୟ ୩୦ ବର୍ଷ ଧରି କାମ କରୁଥିବା ୬ ଜଣ ଠିକା ଶ୍ରମିକଙ୍କୁ ହଟାଯାଇଥିବାକୁ କେନ୍ଦ୍ରକରି ଆନ୍ଦୋଳନ ଆରମ୍ଭ ହୋଇଛି। ଛଟେଇ ଶ୍ରମିକଙ୍କୁ ପୁନର୍ନିଯୁକ୍ତି, ଇଲେକ୍ଟ୍ରିକାଲ ବିଭାଗରେ ସମସ୍ତ କାର୍ଯ୍ୟଦିନରେ କାମ ପ୍ରଦାନ ଓ ସମସ୍ତ ଶ୍ରମିକଙ୍କୁ ଇଏସ୍‌ଆଇ କାର୍ଡ ଯୋଗାଇବା ଦାବି କରାଯାଇଛି। ଏଆଇୟୁଟିୟୁସି ଓ ଏଆଇପିଏଫ୍ ଶ୍ରମିକ ସଙ୍ଗଠନ ଆହ୍ୱାନରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଛି। ଏଥିରେ ୟୁନିୟନର ସଭାପତି ଜୟସେନ ମେହେର, ସାଧାରଣ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁଙ୍କ ସହ ବିଦ୍ୟାଧର ସାମଲ, ବଂଶୀଧର ସାହୁ, କୈଳାସ ମାଝୀ, ଗୌତମ ସେଠୀ, ବିନୋଦ ନାଏକ ଓ ଅନ୍ୟ ଠିକା ଶ୍ରମିକ ଯୋଗ ଦେଇଛନ୍ତି। ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

# କୋଶଳାରେ ପୋଲିସର ଫ୍ଲାଗମାର୍ଚ୍ଚ

**ଛେଣ୍ଡିପଦା, ୨୬।୩ (ଅଜିତ ଧଳ)**

ରାମ ନବମୀ ଓ କୋଇଲା ପରିବହନ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପୋଲିସ ପକ୍ଷରୁ ଗୁରୁବାର କୋଶଳାରେ ଫ୍ଲାଗମାର୍ଚ୍ଚ କରାଯାଇଛି। ସୂଚନା ଅନୁଯାୟୀ, ଛେଣ୍ଡିପଦା ଥାନା କୋଶଳା ପଞ୍ଚାୟତରେ କୋଇଲା ପରିବହନକୁ ବିରୋଧ କରି ଗଣଧାରଣା ଜାରି ରହିଥିବା ବେଳେ କୋଶଳା ବଜାରରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯିବା ସହ କୋଶଳା ବଜାର ପରିକ୍ରମା କରାଯାଇଛି। ଆଇନ ଶୃଙ୍ଖଳା ବଜାୟ ରଖିବା ସହ କୋଶଳାବାସୀଙ୍କ ମଧ୍ୟରେ ସୁରକ୍ଷା ଓ ଆତ୍ମବିଶ୍ୱାସ ଭାବନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅପରାହ୍ନ ୪ଟା ବେଳେ ଛେଣ୍ଡିପଦାରୁ ଅନୁଗୋଳ ଯାଇଥିବା ୬୩ନଂ ରାଜ୍ୟ ରାଜପଥର କୋଶଳା ଚନ୍ଦନନଗର ଠାରୁ ଶିମିଳିସାହି ପର୍ଯ୍ୟନ୍ତ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଏଥିରେ ଛେଣ୍ଡିପଦା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ଓ ଅତିରିକ୍ତ ଥାନା ଅଧିକାରୀ ଦୀପ୍ତିମୟୀ ବିଶ୍ୱାଳଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। ୫ ପ୍ଲାଟୁନ ଫୋର୍ସ ସହ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିବା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ପ୍ରକାଶ କରିଛନ୍ତି।

# ଆଠମଲ୍ଲିକରେ ପାରମ୍ପରିକ ଦଣ୍ଡନୃତ୍ୟ ଆରମ୍ଭ

**ଆଠମଲ୍ଲିକ, ୨୬।୩ (ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକରେ ପାରମ୍ପରିକ ଦଣ୍ଡନୃତ୍ୟ ଆରମ୍ଭ ହୋଇଛି। ବୁଧବାର ରାତିରେ ସହରସ୍ଥିତ ରାମେଶ୍ୱର ପାଟଣାର ଗଡ୍ଡୁଆ ଦଣ୍ଡ ପକ୍ଷରୁ ମହାଦେବ ମନ୍ଦିରରେ ପୂଜା ସମ୍ପନ୍ନ କରାଯାଇ ଦଣ୍ଡ ଯାତ୍ରା ନିମନ୍ତେ ପଦାକୁ ବାହାରିଛନ୍ତି । ବାବା ଭୁବନେଶ୍ୱର ଓ ମା' ରୁଦ୍ରଭବାନୀଙ୍କୁ ସାଙ୍ଗରେ ଧରି ପାଟଭୁକ୍ତା ସହ ୧୩ ଭୁକ୍ତା, ପୂଜକ ଓ ଦଣ୍ଡଯାତ୍ରା କମିଟି କର୍ମକର୍ତ୍ତା, ସଭ୍ୟ ଓ ମାନସିକଧାରୀ ଦଣ୍ଡୁଆମାନେ ଦଣ୍ଡଯାତ୍ରାରେ ସାମିଲ ହୋଇଛନ୍ତି। ସକାଳୁ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ମନ୍ଦିରକୁ ଆସି ଶୁଭ ମନାସି ବନ୍ଦାଣ କିଣିଥିଲେ। ପରେ ସହର ପରିକ୍ରମା କରି ବଙ୍ଗଳା ସାହିର ଜଣେ ଭକ୍ତଙ୍କ ଘରକୁ ଯାଇଥିଲେ। ୨୧ ଦିନ ଧରି ବାହାରକୁ ବାହାରିଥିବା ଦଣ୍ଡ ଯାତ୍ରା ପ୍ରଥମ ଦିନ ବଙ୍ଗଳାସାହିରେ ଦଣ୍ଡଯାତ୍ରା କରିଥିଲେ। କମିଟି ସଭାପତି ପଞ୍ଚମନ ନାୟକ, ସମ୍ପାଦକ ତପନ ବାଘ, କୋଷାଧ୍ୟକ୍ଷ ଗଗନ କୁମାର ବାହୁକ, ପରିଚାଳନା କମିଟି ସଭ୍ୟ ସୁନୀଲ ରଣା, ଅଜୟ ରଣା, ସୁଧୀର ବାଘ, ସମ୍ବିତ ରଣା, ରାକେଶ ବେହେରା, ଜୁନ ପାଣ୍ଡେ, ସାହିଲ କ୍ଷେତି ଓ ପାଟଭୋକ୍ତା ଲିଟନ ଲଉରିଆ, ପାଟଦୁଲିଆ ସାନନ୍ଦ ବେହେରା, ପୂଜକ ସୁବ୍ରତ ବେହେରାମାଳିଙ୍କ ସମେତ ବହୁ ଦଣ୍ଡୁଆ ଦଣ୍ଡଯାତ୍ରାରେ ସାମିଲ ହୋଇଥିଲେ।

# 'ଆମେ ଜାଣିବା ଆମ ବଜେଟ' ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି



ଜିଲାସ୍ତରୀୟ ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

**ଅନୁଗୋଳ, ୨୬।୩ (ଜ୍ୟୋତିରଞ୍ଜନ ସାହୁ)**

ଆମେ ଜାଣିବା ଆମ ବଜେଟ କାର୍ଯ୍ୟକ୍ରମକୁ ସଫଳଭାବେ ଆୟୋଜନ କରିବା ପାଇଁ ଅନୁଗୋଳ ଜିଲାରେ ଏକ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଗୁରୁବାର ଅପରାହ୍ନରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଏହା ଆୟୋଜିତ ହୋଇଥିଲା। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିବାହୀ ଅଧିକାରୀ ଦେବଦତ୍ତ ମହନ୍ତ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ସେ କହିଥିଲେ, ଆସନ୍ତା ୧ ରୁ ୧୫ ଏପ୍ରିଲ ପର୍ଯ୍ୟନ୍ତ 'ଓଡ଼ିଆ ପକ୍ଷ' ପାଳନ ଅବସରରେ ଜିଲାର ବିଭିନ୍ନ ଗ୍ରାମ ପଞ୍ଚାୟତରେ ପଲ୍ଲିସଭା ଓ ଗ୍ରାମସଭା ଆୟୋଜନ କରାଯିବ। ଏହି ଅବସରରେ କେନ୍ଦ୍ରୀୟ ଓ ରାଜ୍ୟ ବଜେଟରେ ଥିବା ବିଭିନ୍ନ ଜନହିତକାରୀ ପଦକ୍ଷେପ ସମ୍ପର୍କରେ ତୃଣମୂଳସ୍ତରରେ ଲୋକଙ୍କୁ ସଚେତନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସରଳ ଭାଷାରେ ବଜେଟରେ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡିକୁ ଗ୍ରାମସଭା ଓ ପଲ୍ଲିସଭା ମାଧ୍ୟମରେ ଲୋକମାନଙ୍କ ନିକଟରେ ପହଞ୍ଚାଯିବ। ବୈଠକରେ ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ମୁଖ୍ୟ ଜିଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଜିଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁଙ୍କ ସହ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ଗୌରବମୟ ପ୍ରଧାନ ଧନ୍ୟବାଦ ଜଣାଇଥିଲେ।

# କାର୍‌କୁ ଧକ୍କାଦେଲା ଟ୍ରକ୍, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ସନ୍ତ୍ରୀଛକ, ୨୬।୩ (ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ହେମସୁରପଡ଼ାର ରାକେଶ କୁମାର ଭୂତିଆଙ୍କ କାର୍ ନମ୍ବର(ଓଡି୦୨-ସିଏଚ୍୦୬୮୦) କଟକ ଉଚ୍ଚ ନ୍ୟାୟାଳୟରୁ ଫେରୁଥିବାବେଳେ କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ନୂଆହତା ଓଭରବ୍ରିଜ୍ ନିକଟରେ ଟ୍ରକ୍ ନମ୍ବର(ଓଡି-୦୯କେ-୩୯୨୦) ସମ୍ମୁଖରୁ ଧକ୍କା ଦେଇଥିଲା । ବଅଁରପାଳ ପୋଲିସ ପହଞ୍ଚି ଗାଡି ୨ ଟିକୁ ଜବତ କରି କେସ୍ ନମ୍ବର ୧୭୭/୨୬ରେ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି। ସେହିପରି ୫୫ ନମ୍ବର ଜାତୀୟ ରାଜପଥର ନୂଆହତା ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ କଟକ ଆଡୁ ଆସୁଥିବା ଜ୍ୟୋତିରଞ୍ଜନ ନାଥଙ୍କ କାର୍ ନମ୍ବର(ଓଡି ୧୯ଏସ୍ ୬୫୪୫)କୁ ସେହିଦିଗରୁ ଆସୁଥିବା ଏକ ଟ୍ରକ୍ ନମ୍ବର (ଓଡି୩୫-ଏଚ୍୯୯୨୧) ପଛ ପଟୁ ଧକ୍କା ଦେଇଥିଲା। ଫଳରେ କାର୍‌ରେ ବସିଥିବା ବାପା ଓ ପୁଅ ସାମାନ୍ୟ ଆହତ ହୋଇଥିଲେ। ବଅଁରପାଳ ପୋଲିସ ପହଞ୍ଚି ଗାଡ଼ି ୨ଟିକୁ ଜବତ କରି କେସ୍ ନମ୍ବର ୧୭୮/୨୬ ରେ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଥିବା କହିଛନ୍ତି ବଅଁରପାଳ ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ।

# ଲିଙ୍ଗରାକଟା ଗ୍ରାମରେ ମା' ମଙ୍ଗଳାଙ୍କ ବାର୍ଷିକ ଯାତ୍ରା

**ସନ୍ତ୍ରୀଛକ, ୨୬।୩ (ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ତାଳଚେର ବ୍ଲକ ଅନ୍ତର୍ଗତ ଲିଙ୍ଗରାକଟା ଗ୍ରାମରେ ମା' ମଙ୍ଗଳାଙ୍କ ବାର୍ଷିକ ଯାତ୍ରା ମଙ୍ଗଳବାର ଓ ବୁଧବାର ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଯାଇଛି। ମଙ୍ଗଳବାର ପ୍ରତ୍ୟୁଷରୁ ପୂଜକ ସନାତନ ବେହେରା ମା'ଙ୍କୁ ଷୋଡଶ ଉପଚାରରେ ରୀତିନୀତି ଅନୁସାରେ ପୂଜା କରିଥିଲେ। ଆଖପାଖ ଗ୍ରାମ ଯଥା ଚାଇଁପାଳ, ଗୋତମରା, ବୁଢାପଙ୍କ, ଖୋଲୁଆ, ଦାସନାଳୀ, ସନ୍ଥପଡ଼ା ଇତ୍ୟାଦି ଗ୍ରାମର ବହୁ ମହିଳା ଓ ପୁରୁଷ ମାନସିକଧାରୀ ମା'ଙ୍କ କୃପାଲାଭ କରିଥିଲେ। ଅପରାହ୍ନରେ ବାଜାବାଣ, ଘଣ୍ଟବାଦ୍ୟ, ଲଉଡ଼ି, ଡିଜେ ନେଇ ଗ୍ରାମ ପରିକ୍ରମା କରି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିର ପାଖରେ ସମାପନ ହୋଇଥିଲା। ଯାତ୍ରା ପଡ଼ିଆରେ ବିଭିନ୍ନ ଉଠା ଦୋକାନ ସାଙ୍ଗକୁ ରଙ୍ଗବେରଙ୍ଗର ଦୋଳିର ମଜା ଲୋକେମାନେ ନେଇଥିଲେ। ଅପରାହ୍ନରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମା'ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ୨ ଦିନ ଅପେରା ପରିବେଷଣ କରାଯାଇଥିଲା। ସଭାପତି ଦୁଃଶାସନ ସାମଲ, ସମ୍ପାଦକ ଗଗନ ବେହେରା ଓ ଗ୍ରାମ କମିଟିର ସଦସ୍ୟଙ୍କ ଦ୍ୱାରା ଯାତ୍ରା ଶାନ୍ତିଶୃଙ୍ଖଳା ସହ ପାଳିତ ହୋଇଯାଇଛି।

# ବିଦ୍ୟାଳୟରେ ପାଣି ପାଇଁ ଛାତ୍ରୀଛାତ୍ର ହନ୍ତସନ୍ତ

**ଜିଲାପାଳଙ୍କଠାରେ ଅଭିଯୋଗ କଲେ ଅଭିଭାବକ**

**ବଇଣ୍ଡା, ୨୬।୩ (ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ଗୁଣ୍ଡୁରୀ ସରକାରୀ ଉପ୍ରା ବିଦ୍ୟାଳୟରେ ଏବେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ବିଦ୍ୟାଳୟରେ ପିଇବା ପାଇଁ ପାଣିର ବ୍ୟବସ୍ଥା ନ ଥିବାବେଳେ ଛାତ୍ରୀଛାତ୍ରମାନେ ହନ୍ତସନ୍ତ ହେଉଛନ୍ତି। ଏପରିକି ମଧ୍ୟାହ୍ନଭୋଜନ ରୋଷେଇ କରିବାରେ ମଧ୍ୟ ଅସୁବିଧା ସୃଷ୍ଟି ହେଉଛି । ଫଳରେ ଗ୍ରାମବାସୀ ଓ ଅଭିଭାବକମାନେ ଗୁରୁବାର ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି।



ଅଭିଯୋଗରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ଏହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୧ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ସେମାନେ ପାଣି ପିଇବା ପାଇଁ ବିଦ୍ୟାଳୟରେ ନଳକୂଅଟିଏ ମଧ୍ୟ ନାହିଁ। ୧୧୧ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନଭୋଜନ ରୋଷେଇ କରିବା ପାଇଁ ପାଣି ବ୍ୟବସ୍ଥା ମଧ୍ୟ ନାହିଁ। ଫଳରେ ନିକଟସ୍ଥ ଜଣେ ବ୍ୟକ୍ତିଙ୍କ ଘରୁ ପାଣି ଆଣି ମଧ୍ୟାହ୍ନ ଭୋଜନ ରୋଷେଇ କରାଯାଉଥିବାବେଳେ ଅନ୍ୟ ଏକ ଘରୁ ଛାତ୍ରୀଛାତ୍ରଙ୍କ ପାଇଁ ପିଇବା ପାଣି ଅଣାଯାଉଛି। ଛାତ୍ରୀଛାତ୍ରମାନେ ମଧ୍ୟାହ୍ନ ଭୋଜନ କରିବା ପରେ ଥାଳି ଧୋଇବା ପାଇଁ ୪ଶହ ମିଟର ଦୂର ଏକ ନାଳ ଉପରେ ନିର୍ଭର କରୁଛନ୍ତି। ରାସ୍ତା କଡରେ ଏହି ବିଦ୍ୟାଳୟ ପଡୁଥିବାବେଳେ ଅନେକ ସରକାରୀ ଅଧିକାରୀ ଅଚାନକ ଗସ୍ତ କରି ସମସ୍ୟା ତଦାରଖ କରିଛନ୍ତି। ହେଲେ ପାଣି ସମସ୍ୟାର ସମାଧାନ କ୍ଷେତ୍ରରେ ପଦକ୍ଷେପ ନିଆଯାଉ ନାହିଁ। ପୂର୍ବରୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବହୁବାର ସ୍ଥାନୀୟ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏ ନେଇ ପ୍ରଧାନ ଶିକ୍ଷକ ସମ୍ବେଶ୍ୱର ବେହେରା କହିଛନ୍ତି, ବିଦ୍ୟାଳୟରେ ପାଣି ସମସ୍ୟା ଲାଗି ରହିଛି। ଏ ନେଇ ବିଭାଗୀୟ ଅଧିକାରୀମାନଙ୍କୁ ଅବଗତ କରାଯାଇଛି। ଆଠମଲ୍ଲିକ ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁନୀଲ କୁମାର ପ୍ରଧାନ କହିଛନ୍ତି, ଉକ୍ତ ବିଦ୍ୟାଳୟରେ ଥିବା ପାଣି ସମସ୍ୟା ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଇଛୁ। ଶୀଘ୍ର ସମାଧାନ ହୋଇଯିବ।

# ଜୈବବିବିଧତାର ସୁରକ୍ଷା, ପରିଚାଳନାରେ ସହଯୋଗ ଜରୁରୀ

**ଅନୁଗୋଳ, ୨୬।୩ (ଜ୍ୟୋତିରଞ୍ଜନ ସାହୁ)**

ଓଡ଼ିଶା ଜୈବବିବିଧତା ବୋର୍ଡ ପକ୍ଷରୁ ଜୈବବିବିଧତା ପରିଚାଳନା ସମିତିର କର୍ମକର୍ତ୍ତାମାନଙ୍କ ଏକ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ରଠାରେ ଆୟୋଜନ କରାଯାଇଥିଲା। ଅନୁଗୋଳ ବନଖଣ୍ଡ ଏବଂ ସାତକୋଶିଆ ବନ୍ୟପ୍ରାଣୀ ଅନ୍ତର୍ଗତ ୧୨ ଗୋଟି ଜୈବବିବିଧତା ପରିଚାଳନା ସମିତିରୁ ୧୧୭ ଜଣ ବିଏମ୍‌ସି ସଭ୍ୟାସଭ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ଅନୁଗୋଳ ସର୍କଲ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ଡା. ସଞ୍ଜୟ କୁମାର ସ୍ୱାଇଁ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶାଗୁଣା, ଘରଚଟିଆ, ବାଇଚଢେଇ, ଘଡିଆଳ କୁମ୍ଭୀର, କଇଁଛ ଆଦି ଜୀବଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ଜୈବବିବିଧତା ସଂରକ୍ଷଣ ପ୍ରତି ବିପଦ ରହିଥିବା ପ୍ରକାଶ କରିଥିଲେ।




ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତିଶ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ନିଆଁର ପ୍ରତିରୋଧ କ୍ଷେତ୍ରରେ ଗ୍ରାମବାସୀଙ୍କ ସହଯୋଗ କାମନା କରିଥିଲେ। ଜଳଛାୟା ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ ଜୟଶଙ୍କର ପ୍ରଧାନ, ଜିଲା ମୁଖ୍ୟ ପ୍ରାଣୀ ଅଧିକାରୀ ଡା. ସୂର୍ଯ୍ୟନାରାୟଣ ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଦେବାଶିଷ ମିଶ୍ର, ସହକାରୀ ଉଦ୍ୟାନ ଅଧିକାରୀ ଐଶର୍ଯ୍ୟା ସାହୁ, ଅନୁଗୋଳ ବ୍ଲକ ସହକାରୀ କୃଷି ଅଧିକାରୀ ଚିନ୍ମୟୀ ରାଏ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଅନୁଗୋଳ ଜୟଶ୍ରୀ ଛତ୍ରୀୟା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜନିଜ ବିଭାଗରେ ରହିଥିବା ଜୈବବିବିଧତା ସମ୍ପର୍କିତ ସୁରକ୍ଷା ଦିଗରେ ଆଲୋକପାତ କରିଥିଲେ। ପରିବେଶବିତ୍ ପ୍ରସନ୍ନ କୁମାର ବେହେରା ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶପଥପାଠ କରାଇଥିଲେ। ଏହି ଦକ୍ଷତା ବୃଦ୍ଧି ତାଲିମ ଶିବିରରେ ସାଧନବ୍ୟକ୍ତି ଭାବେ ଓଡ଼ିଶା ଜୈବବିବିଧତା ବୋର୍ଡର ଉପବନସଂରକ୍ଷକ ଶିଶିର କୁମାର ମିଶ୍ର, ସଂଯୋଜକ ଡ. ଶୁଭ୍ରାଂଶୁ କୁମାର ନାୟକ, ଉଦ୍ଭିଦ ବିଜ୍ଞାନୀ ଡ. ପ୍ରଭାତ କୁମାର ଦାସ, ବନ୍ୟଜୀବ ବିଶେଷଜ୍ଞ ଡ. ଶିବ ପ୍ରସାଦ ପରିଡା, ଜୈବବିବିଧତା ପରିଚାଳନା ସମିତି ଅଧ୍ୟକ୍ଷ ବୀରେନ ପ୍ରଧାନ, ସୁଶୀଲ କୁମାର ପ୍ରଧାନ, ପ୍ରଦୀପ କୁମାର ସାହୁ, ସଂଯୋଜକ ପ୍ରିୟବ୍ରତ ବେହେରା, ଲିଙ୍କୁନ ପ୍ରଧାନ, ରବୀନ୍ଦ୍ର ସାହୁ, ବିନୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

